# NATIONAL NEWS BULLETIN (ODIA)

## 19th March' 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଅଯୋଧ୍ୟାରେ ଆଜି ଶ୍ରୀରାମ ଜନ୍ମଭୂମି ପରିଦର୍ଶନ ସହ ଶ୍ରୀରାମ ଯନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବେ ରାଷ୍ଟ୍ରପତି ।

- କେନ୍ଦ୍ର କ୍ୟାବିନେଟରେ ଭାରତୀୟ କପା ନିଗମକୁ ୧ ହଜାର ୭୧୮ କୋଟି ଟଙ୍କା ଏମ୍.ଏସ୍.ପି. ପାଣ୍ଠି ମଞ୍ଜୁର ।

- ପାକିସ୍ତାନ ଓ ଆଫଗାନିସ୍ତାନ ଅସ୍ଥାୟୀ ଭାବେ ଘୋଷଣା କଲେ ଯୁଦ୍ଧବିରତି ।

- ଆଫଗାନିସ୍ତାନର ଏକ ହସ୍ପିଟାଲ୍ ଉପରେ ପାକିସ୍ତାନର ବିମାନ ଆକ୍ରମଣକୁ ଜାତିସଂଘ ମହାସଚିବଙ୍କ ଦୃଢ଼ ନିନ୍ଦା ।

ଏବଂ

- ଅରଲିନ୍ସ ମାଷ୍ଟର୍ସ ବ୍ୟାଡମିଣ୍ଟନରେ ପୁରୁଷ ସିଙ୍ଗଲ୍ସରେ ଭାରତର ଆୟୁଷ ସେଟ୍ଟି ଓ ଜାପାନ ଖେଳାଳିଙ୍କ ମଧ୍ୟରେ ଆଜି ହେବ ମୁକାବିଲା ।

# ପ୍ରେସିଡେଣ୍ଟ ଅଯୋଧ୍ୟା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଅଯୋଧ୍ୟା ଗସ୍ତ କରିବେ । ସେ ବର୍ତ୍ତମାନ ଉତ୍ତର ପ୍ରଦେଶକୁ ତିନିଦିନିଆ ଗସ୍ତରେ ଅଛନ୍ତି । ରାଷ୍ଟ୍ରପତି ଅଯୋଧ୍ୟା ଯାଇ ଶ୍ରୀରାମ ଜନ୍ମଭୂମି ମନ୍ଦିର ପରିଦର୍ଶନ କରିବେ । ରାମଜନ୍ମଭୂମି ମନ୍ଦିର ପରିସରରେ ଦର୍ଶନ ସହ ପୂଜାର୍ଚ୍ଚନା କରିବେ । ସେଠାରେ ଶ୍ରୀରାମ ଯନ୍ତ୍ର ସ୍ଥାପନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଏହାପରେ ରାଷ୍ଟ୍ରପତି ମଥୁରା, ବୃନ୍ଦାବନ ଯାଇ ଦର୍ଶନ ଓ ପୂଜା କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଚୈତ୍ର ନବରାତ୍ରର ପ୍ରଥମ ଦିନ ହିନ୍ଦୁ ନବବର୍ଷ ଭାବେ ପାଳିତ ହୁଏ । ଏହି ଅବସରରେ ରାଷ୍ଟ୍ରପତି ରାମମନ୍ଦିରଠାରେ ବୈଦିକ ରୀତିନୀତି କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ଶ୍ରୀରାମ ଯନ୍ତ୍ର ସ୍ଥାପନ କାର୍ଯ୍ୟକ୍ରମରେ ପ୍ରାୟ ୭ ହଜାର ଲୋକ ଯୋଗ ଦେବାର ସମ୍ଭାବନା ରହିଛି । ବହୁସଂଖ୍ୟାରେ ସାଧୁସନ୍ଥ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଯୋଗଦେବେ । ଆଧ୍ୟାତ୍ମିକ ଗୁରୁ ମାତା ଅମୃତାନନ୍ଦମୟୀ ଏହି କାର୍ଯ୍ୟକ୍ରମରେ ଏକ ହଜାର ଶ୍ରଦ୍ଧାଳୁଙ୍କ ସହ ଯୋଗଦେବେ । ରାଷ୍ଟ୍ରପତି ଏହି ଅବସରରେ ମନ୍ଦିର ନିର୍ମାଣ କାର୍ଯ୍ୟରେ ସମ୍ପୃକ୍ତ ଥିବା ଶ୍ରମିକମାନଙ୍କୁ ସମ୍ବୋଧିତ କରିବେ ।

# କ୍ୟାବିନେଟ୍ - ବ୍ରିଫିଂ

କେନ୍ଦ୍ର କ୍ୟାବିନେଟ୍ ଭାରତ ଔଦ୍ୟୋଗିକ ବିକାଶ ଯୋଜନା– ଭବ୍ୟକୁ ୩୩ ହଜାର ୬୬୦ କୋଟି ଟଙ୍କା ଆବଣ୍ଟନ ସହିତ ୧୦୦ଟି ପ୍ଲଗ୍-ଆଣ୍ଡ-ପ୍ଲେ ଶିଳ୍ପ ପାର୍କ ବିକଶିତ କରିବା ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ବିଶ୍ୱସ୍ତରୀୟ ଶିଳ୍ପ ଭିତ୍ତିଭୂମି ବିକାଶ କରିବା, ଉତ୍ପାଦନ ସମ୍ଭାବନାକୁ ଉନ୍ମୋଚନ କରିବା ସହିତ ଦେଶର ଅଭିବୃଦ୍ଧିକୁ ଆଗେଇ ନେବା ଏହି ଯୋଜନାର ଲକ୍ଷ୍ୟ ରହିଛି। ସେ କହିଛନ୍ତି, ପ୍ରତି ଏକର ପାଇଁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ସହାୟତା ସହିତ ୧୦୦ରୁ ହଜାର ଏକର ବିଶିଷ୍ଟ ଶିଳ୍ପ ପାର୍କ ବିକଶିତ କରାଯିବ।

ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ କୃଷକ କଲ୍ୟାଣକୁ ସୁଦୃଢ଼ କରିବା ଏବଂ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ପାଇଁ କ୍ୟାବିନେଟ୍ ୨୦୨୩-୨୪ କପାଋତୁ ପାଇଁ ଭାରତୀୟ କପା ନିଗମକୁ ୧ ହଜାର ୭୧୮ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସର୍ବନିମ୍ନ ସହାୟକ ମୂଲ୍ୟ–ଏମ୍.ଏସ୍.ପି. ପାଣ୍ଠି ମଞ୍ଜୁର କରିଛନ୍ତି। ମନ୍ତ୍ରୀ କହିଛନ୍ତି, ଏହି ପାଣ୍ଠି ଦେଶର କପାଚାଷୀମାନଙ୍କୁ ସିଧାସଳଖ ସମର୍ଥନ ମୂଲ୍ୟ ପ୍ରଦାନ କରିବାର ଲକ୍ଷ୍ୟ ରଖିଛି। ଶ୍ରୀ ବୈଷ୍ଣବ କହିଛନ୍ତି, ଯେତେବେଳେ ବଜାର ମୂଲ୍ୟ ଏମ୍.ଏସ୍.ପି.ଠାରୁ କମ୍ ଥାଏ,

ସେତେବେଳେ ଚାଷୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଏମ୍.ଏସ୍.ପି. କାର୍ଯ୍ୟ କରାଯାଏ।

କ୍ୟାବିନେଟ୍ ୨୦୨୬-୨୭ରୁ ୨୦୩୦-୩୧ ଅବଧି ପାଇଁ କ୍ଷୁଦ୍ର ଜଳବିଦ୍ୟୁତ ବିକାଶ ଯୋଜନାକୁ ମଧ୍ୟ ଅନୁମୋଦନ କରିଛନ୍ତି। ପ୍ରାୟ ୧୫ ଶହ ମେଗାୱାଟ୍ କ୍ଷମତା ବିଶିଷ୍ଟ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ ପାଇଁ ୨ ହଜାର ୫୮୪ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟବରାଦ କରାଯାଇଛି। ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ଯୋଜନା ରାଜ୍ୟଗୁଡ଼ିକୁ ଭବିଷ୍ୟତରେ ପ୍ରାୟ ୨୦୦ କ୍ଷୁଦ୍ର ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ କରିବା ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ନିମନ୍ତେ ପ୍ରୋତ୍ସାହିତ କରିବ।

## ନବରାତ୍ରି ଷ୍ଟୋରୀ

ଚୈତ୍ର ନବରାତ୍ରି ପର୍ବ ଆଜିଠାରୁ ଆରମ୍ଭ ହେଉଛି । ଦେଶର ବିଭିନ୍ନ ପ୍ରାନ୍ତରେ ଶ୍ରଦ୍ଧାଳୁମାନେ ଉତ୍ସାହ ଓ ଉଦ୍ଦୀପନାର ସହ ୯ ଦିନ ଧରି ନବରାତ୍ର ପୂଜା କରିବେ । ବିଭିନ୍ନ ଶକ୍ତିପୀଠ ଏବଂ ଦେବୀ ମନ୍ଦିରଗୁଡ଼ିକରେ ମା'ଙ୍କର ବିଭିନ୍ନ ବେଶ ହେବା ସହ ଶ୍ରଦ୍ଧାଳୁମାନେ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରିବେ ।

## ଡବ୍ଲ୍ୟୁ.ବି. ଇ.ସି.ଆଇ. ଇସ୍ୟୁଜ୍

ଭାରତର ନିର୍ବାଚନ ଆୟୋଗ ପଶ୍ଚିମବଙ୍ଗରେ ପ୍ରଶାସନିକ ଏବଂ ପୁଲିସ୍ ଅଧିକାରୀମାନଙ୍କର ଏକ ବଡ଼ଧରଣର ଅଦଳବଦଳ କରିଛନ୍ତି । ଆୟୋଗ ପକ୍ଷରୁ ଜିଲ୍ଲା ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ କରିବାକୁ ଥିବା ୧୧ ଜଣ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ମଧ୍ୟ କାର୍ଯ୍ୟରୁ ଅନ୍ତର କରିଛନ୍ତି । କୁଚ୍‌ବିହାର, ଜଲପାଇଗୁଡ଼ି, ମାଲ୍‌ଦା, ମୁର୍ଶିଦାବାଦ, ନଦିୟା ଏବଂ ଉତ୍ତର ଓ ଦକ୍ଷିଣ ଚବିଶ ପ୍ରଗଣାର ଜିଲ୍ଲା ଅଧିକାରୀମାନଙ୍କୁ ବଦଳି କରାଯାଇଛି । ପୂର୍ବରୁ ୫ ଜଣ ଡି.ଆଇ.ଜି. ର୍‍ୟାଙ୍କ୍ ଅଧିକାରୀଙ୍କୁ ମଧ୍ୟ କାର୍ଯ୍ୟରୁ ଅନ୍ତର କରାଯାଇଥିଲା । ଆୟୋଗ ପକ୍ଷରୁ ବଦଳି ନିର୍ଦ୍ଦେଶ ତୁରନ୍ତ କାର୍ଯ୍ୟକାରୀ କରିବାକୁ କୁହାଯାଇଛି । ନିର୍ବାଚନ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ କାର୍ଯ୍ୟରୁ ଅନ୍ତର କରାଯାଇଥିବା ଅଧିକାରୀମାନଙ୍କୁ କୌଣସି ଭୋଟ୍‌ଗ୍ରହଣ ସମ୍ପର୍କିତ କାର୍ଯ୍ୟରେ ନିୟୋଜିତ କରାଯାଇପାରିବ ନାହିଁ ବୋଲି ଆୟୋଗ ପକ୍ଷରୁ ସ୍ପଷ୍ଟୀକରଣ କରାଯାଇଛି ।

## ପାକିସ୍ତାନ-ଏ.ଏଫ୍. ପଜ୍ ଫାଇଟିଂ

ପାକିସ୍ତାନ ଏବଂ ଆଫଗାନିସ୍ତାନ' ଇଦ୍-ଉଲ୍-ଫିତରକୁ ଦୃଷ୍ଟିରେ ରଖି ଅସ୍ଥାୟୀ ଭାବେ ଯୁଦ୍ଧବିରତି ଘୋଷଣା କରିଛନ୍ତି । କାବୁଲ୍‌ର ଏକ ହସ୍ପିଟାଲ୍

ଉପରେ ପାକିସ୍ତାନର ଆକ୍ରମଣ କରିଥିବା ନେଇ ଆଫଗାନିସ୍ତାନ ସରକାର ଅଭିଯୋଗ କରିବା ପରେ ଏବଂ ସାଉଦି ଆରବ, ତୁର୍କୀ ଏବଂ କାତାର'ର ଅନୁରୋଧକ୍ରମେ ଉଭୟେ ପାକିସ୍ତାନ ଓ ଆଫଗାନିସ୍ତାନ ଏପରି ନିଷ୍ପତ୍ତି ନେଇଛନ୍ତି । ସାମାଜିକ  ଗଣମାଧ୍ୟମରେ ପୋଷ୍ଟ କରି ପାକିସ୍ତାନର ସୂଚନା ମନ୍ତ୍ରୀ ଆତାଉଲ୍ଲା ତାରାର୍ ସୀମାନ୍ତ ଅଞ୍ଚଳରେ ତାଲିବାନ ଉପରେ ତାଙ୍କ ଦେଶ ପକ୍ଷରୁ ଆକ୍ରମଣ କରାଯିବାର କିଛି ଘଣ୍ଟା ପରେ ଏହି ଘୋଷଣା କରିଛନ୍ତି । ଇସ୍‌ଲାମୀୟ ପର୍ବ ଇଦ୍-ଉଲ୍-ଫିତର ଆସୁଥିବାରୁ ଏବଂ ତାଙ୍କର ଭ୍ରାତୃରାଷ୍ଟ୍ରଗୁଡ଼ିକର ଅନୁରୋଧକ୍ରମେ ପାକିସ୍ତାନ' ଚଳାଇଥିବା ଗଜବ-ଲିଲ୍-ହକ୍ ଅପରେସନ୍ ଅସ୍ଥାୟୀ ଭାବେ ସ୍ଥଗିତ ପାଇଁ ଘୋଷଣା କରିଛି ।

## ଆଣ୍ଟୋନିଓ ଗୁଟେରସ୍ - ପାକିସ୍ତାନ ଷ୍ଟ୍ରାଇକ୍ସ୍

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ କାବୁଲ୍‌ର ହସ୍ପିଟାଲ୍ ଉପରେ ପାକିସ୍ତାନର ବିମାନ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି । ଏହି ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ମହାସଚିବଙ୍କ ମୁଖପାତ୍ର କହିଛନ୍ତି, ଆନ୍ତର୍ଜାତିକ ଆଇନ ଅନୁଯାୟୀ ରୋଗୀ, ଚିକିତ୍ସା ଅଧିକାରୀ ଏବଂ ସମସ୍ତ ସ୍ୱାସ୍ଥ୍ୟକ୍ଷେତ୍ର ସବୁ ସମୟରେ ସୁରକ୍ଷିତ ରହିବା ଉଚିତ । ଆଫଗାନିସ୍ତାନର ତାଲିବାନ୍ ସରକାର' ପାକିସ୍ତାନ ପକ୍ଷରୁ ଏକ

ହସ୍ପିଟାଲ୍ ଉପରେ ଆକ୍ରମଣ ଯୋଗୁଁ ୪ ଶହରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଥିବା ସୂଚନା ଦେବା ପରେ ଜାତିସଂଘ ମହାସଚିବ ଏହା କହିଛନ୍ତି । ଇତିମଧ୍ୟରେ ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଇଦ୍‌ପାଇଁ ଅସ୍ଥାୟୀ ଭାବେ ଯୁଦ୍ଧବିରତି ପାଇଁ ସମ୍ମତି ପ୍ରକାଶ ପାଇଥିବାରୁ ତାହାକୁ ସ୍ୱାଗତ କରିଛନ୍ତି ଏବଂ ଏହି ଯୁଦ୍ଧବିରତି ଅଧିକ ସମ୍ପ୍ରସାରିତ ହେବାପାଇଁ ସେ ଆଶାବ୍ୟକ୍ତ କରିଛନ୍ତି ।

## ୱେଷ୍ଟ ଏସିଆ - କନ୍‌ଫ୍ଲିକ୍ଟ

ପଶ୍ଚିମ ଏସିଆରେ ଉତ୍ତେଜନା ଲାଗିରହିଛି । ବିଶ୍ୱର ସର୍ବବୃହତ୍ ପ୍ରାକୃତିକ ଗ୍ୟାସ୍ କ୍ଷେତ୍ର ଇରାନ୍ ଉପରେ ଆମେରିକା-ଇସ୍ରାଏଲ୍‌ର ଆକ୍ରମଣ କରିଛି । ଆମେରିକା ଏବଂ ଇସ୍ରାଏଲ୍ ପକ୍ଷରୁ ଇରାନ୍‌ର ଆସାଲୁୟେ ସ୍ୱତନ୍ତ୍ର ଅର୍ଥନୈତିକ ଶକ୍ତିକ୍ଷେତ୍ରକୁ ଲକ୍ଷ୍ୟ ରଖାଯାଇଛି ବୋଲି ଇରାନ୍‌ର ଗଣମାଧ୍ୟମ ପକ୍ଷରୁ କୁହାଯାଇଛି । କେତେକ ଅଞ୍ଚଳରେ ନିଆଁ ଲାଗିଯାଇଥିବା ସୂଚନା ମିଳିଛି ଏବଂ ମୃତାହତର କୌଣସି ସୂଚନା ମିଳି ନାହିଁ । ଫେବୃୟାରୀ ୨୮ ତାରିଖରେ ବିବାଦ ହେବା ପରଠାରୁ ଇରାନ୍‌ର ଶକ୍ତିକ୍ଷେତ୍ର ଉପରେ ଏହା ହେଉଛି ଇସ୍ରାଏଲ୍ ପକ୍ଷରୁ ପ୍ରଥମ ଏବଂ ପ୍ରତ୍ୟକ୍ଷ ଆକ୍ରମଣ ବୋଲି କୁହାଯାଇଛି । ଅନ୍ୟପକ୍ଷରେ ଇରାନ୍‌ର ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡ଼ ପକ୍ଷରୁ ମଧ୍ୟ ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟସ୍ ଏବଂ କାତାର'ର

କେତେକ ଶକ୍ତିକ୍ଷେତ୍ର ଉପରେ ପ୍ରତକ୍ଷ୍ୟ ଆକ୍ରମଣ କରିବାକୁ ମଧ୍ୟ ଚେତାବନୀ ଦେଇଛି ।

## କମର୍ସିଆଲ୍ ଏଲ୍.ପି.ଜି. ରିଫର୍ମସ

ପଶ୍ଚିମ ଏସିଆ ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ରାଜ୍ୟଗୁଡ଼ିକରେ ବ୍ୟାବସାୟିକ ଏଲ୍.ପି.ଜି.ର ଆବଣ୍ଟନକୁ ୨୦ ପ୍ରତିଶତରୁ ୩୦ ପ୍ରତିଶତକୁ ବୃଦ୍ଧି କରିବାକୁ ଆହ୍ୱାନ ଦେଇଛନ୍ତି। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ଲେଖିଥିବା ଚିଠିରେ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ସଚିବ ନୀରଜ ମିତ୍ତଲ କହିଛନ୍ତି, ଏହି ପର୍ଯ୍ୟାୟରେ ଏହି ପଦକ୍ଷେପ ଏଲ୍.ପି.ଜି.ରୁ ପି.ଏନ୍.ଜି.କୁ ଦୀର୍ଘମିଆଦି ପରିବର୍ତ୍ତନରେ ସାହାଯ୍ୟ କରିବ। ଦୀର୍ଘକାଳୀନ ଭାବେ ଏଲ୍.ପି.ଜି. ବ୍ୟବହାର ହ୍ରାସ କରିବା, ପି.ଏନ୍.ଜି. ବ୍ୟବହାର ବୃଦ୍ଧି କରିବା ଏବଂ ବ୍ୟାଯବସାୟିକ ଏଲ୍.ପି.ଜି. ଆବଣ୍ଟନରେ ୧୦ ପ୍ରତିଶତ ବୃଦ୍ଧି ପାଇଁ ଯୋଗ୍ୟତା ସୁନିଶ୍ଚିତ କରିବା ପାଇଁ ସଚିବ ବିଭିନ୍ନ ସଂସ୍କାର ପାଇଁ ଆହ୍ୱାନ କରିଛନ୍ତି।

## ମଷ୍ଟ ଆନାଉନ୍ସମେଣ୍ଟ

'ଆକାଶବାଣୀରେ ଲୋକଙ୍କ ପଦ୍ମ' ଶୀର୍ଷକ ଧାରାବାହିକର ପରବର୍ତ୍ତୀ ଭାଗରେ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଅବଦାନପାଇଁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହେବାକୁ ଥିବା ଉଦ୍ଭିଦବିତ୍ ଗମ୍ଭୀର ସିଂହ ୟେଞ୍ଜୋନ୍‌ଙ୍କ ସହ ବାର୍ତ୍ତାଳାପ ପ୍ରଚାର କରାଯିବ । ଏହି ପୋଡ୍‌କାଷ୍ଟ ଆଜି ସକାଳ ୯ଟା ୧୦ ମିନିଟ୍‌ରେ ୧୦୦ ଦଶମିକ ୧ରେ ଆକାଶବାଣୀ ଗୋଲ୍‌ଡ୍ ଚ୍ୟାନେଲ୍‌ରେ ଶୁଣାଯାଇପାରିବ । News on air App ଏବଂ News on air official ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ ।

## ବ୍ୟାଡ୍‌ମିଣ୍ଟନ୍ - ଅର୍‌ଲିନ୍‌ସ ମାଷ୍ଟର୍ସ

ଅରଲିନ୍ସ ମାଷ୍ଟର୍ସ ବ୍ୟାଡମିଣ୍ଟନରେ ଆୟୁଷ ସେଟ୍ଟି ପୁରୁଷ ସିଙ୍ଗିଲ୍‌ସରେ ଷୋଡ଼ଶ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ସେ ଫ୍ରାନ୍ସର ପାଲାଇସ୍ ଡେସ୍ ସ୍ପୋର୍ଟସରେ ଅନୁଷ୍ଠିତ ୩୨ତମ ରାଉଣ୍ଡ ମ୍ୟାଚ୍‌ରେ ସ୍ୱଦେଶ ଖେଳାଳି କିରଣ ଜର୍ଜଙ୍କୁ ପରାସ୍ତ କରିଛନ୍ତି। ସେହିପରି ମହିଳା ସିଙ୍ଗଲ୍‌ସ୍‌ରେ ଅନ୍‌ମୋଲ ଖରବ, ତନ୍‌ଭୀ ଶର୍ମା, ମାଲବିକା ବନ୍‌ଶୋଲ୍ ଏବଂ ଇଶାରାଣି ବରୁଆ ଷୋଡ଼ଶ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି । ୩୨ତମ ରାଉଣ୍ଡ୍ ମ୍ୟାଚ୍‌ରେ ଅନମୋଲ୍

ଖରବ ତୁର୍କୀର ନେସ୍ଲିହାନ୍ ଆର୍ଣ୍ଣଙ୍କୁ ୨୧-୧୨, ୨୧-୧୬ ସେଟ୍‌ରେ ପରାସ୍ତ କରିଛନ୍ତି । ସେହିପରି ତନ୍‌ଭୀ ଥାଇଲାଣ୍ଡର ଖେଳାଳି ସୁପାନିଦାଙ୍କୁ ୨୧-୧୮, ୧୪-୧୨ରେ ଏବଂ ମାଳବିକା ଚୀନ୍ ତାଇପେଇର ଏସ୍.ୱାଇ, ସୁଙ୍ଗ୍‌ଙ୍କୁ ୨୧-୧୮, ୨୧-୧୪ ସେଟ୍‌ରେ ପରାସ୍ତ କରିଛନ୍ତି । ପୁରୁଷ ଡବଲ୍‌ସ୍‌ରେ ଭାରତର ଅର୍ଜୁନ ମାଦାଥିଲ୍ ରାମଚନ୍ଦ୍ରନ୍ ଏବଂ ହରିହର ଅଂଶକରୁଣାନ୍‌ଙ୍କ ଯୋଡ଼ି ଷୋଡ଼ଶ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି । ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବାକୁ ଥିବା ପୁରୁଷ ସିଙ୍ଗଲ୍‌ସ ମ୍ୟାଚ୍‌ରେ ଭାରତର ଆୟୁଷ ସେଟ୍ଟୀ ଷୋଡ଼ଶ ରାଉଣ୍ଡ ମ୍ୟାଚ୍‌ରେ ଜାପାନର ୱାଇ. ଓକିମୋଟୋଙ୍କୁ ଭେଟିବେ ।

*****